# ପିଲାଙ୍କ ଧରିତ୍ରୀ

ଶନିବାର, ୮ ଡିସେମ୍ବର, ୨୦୧୮



୭ ଜଣା ଅଜଣା



୮ ଆଇନା



୪ ତୁମ ତୁଳୀରୁ

ଗିନିଜ୍ ୱାର୍ଲ୍ଡ ରେକର୍ଡ ୬




## ଖିଲି ଖିଲି ହସ

ସ୍କୁଲରେ ଦୌଡ଼ ପ୍ରତିଯୋଗିତା ଚାଲିଥାଏ। ସବୁ ପିଲା ଦୌଡ଼ିବା ଲାଗି ପ୍ରସ୍ତୁତ ହେଉଥାନ୍ତି। ଖେଳ ଶିକ୍ଷକ ଡାକିଲେ –୧,୨,୩ ଗୋ... ସବୁ ପିଲା ଦୌଡ଼ିଲେ କିନ୍ତୁ ଗୋଲୁ ଦୌଡ଼ିଲା ନାହିଁ।
ଖେଳ ଶିକ୍ଷକ: ଗୋଲୁ, ତୁମେ କାହିଁ ଦୌଡ଼ିଲ ନାହିଁ ?
ଗୋଲୁ: ମୋ ନମ୍ବର ୪ଥିଲା। ମୋତେ କେହି ଦୌଡ଼ିବାକୁ କହିଲେ ନାହିଁ।

ଚିଣ୍ଟୁ: ପିଣ୍ଟୁ, ଏ କ'ଣ କରୁଛୁ ?
ପିଣ୍ଟୁ: ନୂଆ ଭିଡିଓ ଗେମ୍ ଆଣିଛି, ତାକୁ ପରୀକ୍ଷା କରୁଥିଲି।
ଚିଣ୍ଟୁ: ପାଣିରେ ବୁଡ଼ାଇ କ'ଣ ଚେକ୍ କରୁଛୁ ?
ପିଣ୍ଟୁ: ଆରେ,ଏକ ବର୍ଷର ୱାରେଣ୍ଟି ଅଛି, ସେଥିପାଇଁ ପାଣିରେ ବୁଡ଼ାଇ ଦେଖୁଛି ଏହାର କଲର ଛାଡୁନି ତ ?

ସୋମୁ ଥରେ ଡାକ୍ତରଙ୍କ ନିକଟକୁ ଯାଇ ପତଳା ହେବାର ଚିକିତ୍ସା ବିଷୟରେ ପଚାରିଲା। ଡାକ୍ତରବାବୁ: ସୋମୁ, ତୁମର ମୋଟା କମାଇବାକୁ ହେଲେ ତୁମେ ପ୍ରତିଦିନ ଗୋଟିଏ ରୁଟି ଖାଅ।
ସୋମୁ: ଡାକ୍ତର ଅଙ୍କଲ, ରୁଟିକୁ ଖାଦ୍ୟ ଖାଇବା ଆଗରୁ ଖାଇବି ନା ପରେ ?

## ବିନ୍ଦୁ ଯୋଡ଼



## ମତାମତ

● କବିତା ସ୍ତମ୍ଭରେ ସ୍ଥାନ ପାଇଥିବା 'ଗୁଣ୍ଡୁଚି ମୂଷା' ଓ 'ଆସ ପଢ଼ିବା' ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ୭ ନମ୍ବର ପୃଷ୍ଠାରେ ପ୍ରକାଶିତ ଜଣା ଅଜଣାରୁ କେତେକ ନୂଆ କଥା ଜାଣିବାକୁ ପାଇଲି।

– ଲିପିକା, ମଧୁ, ଜଟଣୀ, ଖୋର୍ଦ୍ଧା

● ତୁମ ତୁଳୀରୁ ପୃଷ୍ଠାରେ ଏଥର ସ୍ଥାନିତ ସମସ୍ତ ଚିତ୍ର ଭଲ ଲାଗିଲା। କୁନି କୁନି ପିଲାଙ୍କୁ ଉତ୍ସାହିତ କରିବା ପାଇଁ ଏହି ପୃଷ୍ଠାଟି ବିଶେଷ ସହାୟକ ହେଉଛି।

– ଅର୍ପିତା ବିଶ୍ୱାଳ, ପାଣିକୋଇଲି, ଯାଜପୁର

● ଚଗଲା ଭୀମୁ ପଢ଼ି ଖୁବ୍ ହସିଲି। ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟିରେ ଆଉ କିଛି ନୂଆ କଥା ସ୍ଥାନ ପାଇଲେ ଭଲ ହୁଅନ୍ତା।

– ପ୍ରଭାତ ବେହେରା, ବକ୍ସିବଜାର, କଟକ

● ଆସ ଜାଣିବା ସ୍ତମ୍ଭରେ ସ୍ଥାନ ପାଇଥିବା 'ଦୁବାଇର ମିରାକଲ୍ ଗାର୍ଡେନ୍' ବିଷୟରେ ପଢ଼ି ଆଶ୍ଚର୍ଯ୍ୟ ଲାଗିଲା।

– ଅମ୍ବିକା ସ୍ୱାଇଁ, ସମ୍ବଲପୁର

## ଗପ

# ବିଲୁଆର ପାଠାଗାର

–ରମେଶ ଚନ୍ଦ୍ର ଦାଶ

ବିଲୁଆ ଭାଲୁକୁ ଖୁବ୍ ଭଲପାଏ। ଭାଲୁର ପ୍ରତ୍ୟେକ କଥାକୁ ମାନି ବିଲୁଆ ଚଳିଥାଏ। ସେ ଅସୁବିଧାରେ ପଡ଼ିଲେ ଭାଲୁ ସାହାଯ୍ୟ କରେ ଓ ଭାଲୁର ଅସୁବିଧା ହେଲେ ବିଲୁଆ ସାହାଯ୍ୟ କରେ। ଭାଲୁ ବିଲୁଆକୁ ସଦାବେଳେ ଭଲ କାମ କରିବାକୁ ପରାମର୍ଶ ଦିଏ। ବିଲୁଆ ମଧ୍ୟ ଭାଲୁର ଭଲ କାମରେ ସାହାଯ୍ୟକରେ। ଦିନେ ବିଲୁଆ ଗୋଟିଏ ପାଠାଗାର ଖୋଲିବାକୁ ଚିନ୍ତାକଲା। ଭାଲୁ ତାକୁ ପୂର୍ଣ୍ଣମାତ୍ରାରେ ସାହାଯ୍ୟ କରିବାକୁ କଥା ଦେଲା। ପାଠାଗାର ନିମନ୍ତେ ବିଲୁଆର ପ୍ରଶଂସା ବଢ଼ିଲା। ତା'ର ପ୍ରଶଂସା ଏତେ ବଢ଼ିଗଲା ଯେ ଭାଲୁକୁ ତାହା ଅସହ୍ୟ ହେଲା। ସେ ବିଲୁଆକୁ ଚପିବାକୁ ଯୋଜନା କଲା। ଏଥିପାଇଁ ସେ ଗୋଟିଏ ସମାଜସେବା ଅନୁଷ୍ଠାନ ଗଢ଼ିଲା। ସେହି ଅନୁଷ୍ଠାନର ଉନ୍ନତି ପାଇଁ କଠିନ ପରିଶ୍ରମ କଲା। କିନ୍ତୁ ସମସ୍ତ ଚେଷ୍ଟା ସତ୍ତ୍ୱେ ବିଲୁଆ ସହିତ ସମାନ ହୋଇପାରିଲା ନାହିଁ।

ତା'ପରେ ଭାଲୁ ବିଲୁଆ ଉପରେ



ମନେ ମନେ ରାଗିଲା ଓ ତାକୁ ବଦ୍‌ନାମ କରାଇବାକୁ ନିଜ ବନ୍ଧୁବାନ୍ଧବଙ୍କୁ ବିଭିନ୍ନ ମିଛକଥା କହିଲା। ବିଲୁଆ ତା'ଠାରୁ ବହି ଚୋରାଇନେଇ ପାଠାଗାର କରିଛି ବୋଲି ବି ପ୍ରଚାର କଲା। ଭାଲୁ ବିଲୁଆ ବିରୋଧରେ ଯେତେ ପ୍ରଚାର କଲା ତା'ର ନାଁ ସେତେ ଅଧିକ ଚାରିଆଡ଼େ ବ୍ୟାପିଲା। ଶେଷକୁ ରାଜା ବାଘ ପାଖକୁ ଏକଥାଟି ଗଲା। ବାଘ ଅନେକ ଦିନରୁ ପାଠାଗାରଟିଏ ଖୋଲିବା ପାଇଁ ଭାବିଥିଲା। ତେଣୁ ସେ ସଙ୍ଗେ ସଙ୍ଗେ ବିଲୁଆକୁ ଡକାଇ ପାଠାଗାର ସମ୍ପର୍କରେ ସବୁ ବୁଝି ସାହାଯ୍ୟ କଲା।

ଭାଲୁ ଏଥିରେ ଆହୁରି ବ୍ୟସ୍ତ ହୋଇପଡ଼ିଲା। ସେ ଅନ୍ୟ ଉପାୟ ନ ପାଇ ବାଘ ପାଖକୁ ଯାଇ ବିଲୁଆ ବିରୋଧରେ କହିଲା। ତା'ଠାରୁ ସବୁ ଶୁଣିଲା ପରେ ବାଘ କହିଲା– ବିଲୁଆର ଭଲ କାମ କରିବା କଥା ତୋତେ ଦେଖା ନ ଯାଇ ତା'ର ଖରାପ କାମ କେବଳ ଦେଖାଯାଉଛି। ଦୁଷ୍ଟ ପ୍ରକୃତିର ପ୍ରାଣୀମାନଙ୍କର ଏହା ହେଉଛି ଲକ୍ଷଣ। ସେ ପୁଣି କହିଲା– ତୁ ତୋ ଜୀବନରେ କେଉଁ ଭଲ କାମଟିଏ କରିଛୁ ମୋତେ ଆଗ ଜଣା, ତା'ପରେ ମୁଁ ବିଲୁଆ କଥା ବୁଝିବି। ବାଘର ଏପରି ବିଚାରରେ ଭାଲୁ ମୁହଁ ଶୁଖାଇ ନିଜ ବସାକୁ ଫେରିଲା।

ବିଲୁଆ ବାଘର ସହାୟତା ପାଇ ପାଠାଗାରର ଉନ୍ନତି କରିବା ସଙ୍ଗେ ସଙ୍ଗେ ସମାଜର ଉନ୍ନତି କଲା।

– ଶିକ୍ଷାଶ୍ରୀ ଲେନ୍,
କୁମ୍ଭାରପଡ଼ା, ପୁରୀ,
ମୋ: ୯୭୭୭୨୩୮୫୨୨

## -: ସୂଚନା :-

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡ଼ିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଶବ୍ଦକୋଷ ଓ ବିଶ୍ୱକୋଷ

ଦିନେ ମୁଁ ପଚାରିଲି, ଗୁରୁଜୀ, ଆମେ କଅଣ ସତରେ ମଙ୍ଗଳଗ୍ରହରେ ରହିବା । ଗୁରୁଜୀ କହିଲେ, କାହିଁକି ହଠାତ୍ ଏକଥା ପଚାରିଲ ? ମୁଁ କହିଲି, ଆଜି ଖବରକାଗଜରେ ମଙ୍ଗଳଗ୍ରହରେ ରହିବା ବିଷୟରେ ପଢୁଥିଲି। ଗୁରୁଜୀ କହିଲେ, ହଁ, ଏବେ ସେଠାରେ ରହିବା ପାଇଁ ଅନେକ ଗବେଷଣା ଚାଲିଛି । ଏଯାଏ କିନ୍ତୁ ପୃଥିବୀରୁ କୌଣସି ଲୋକ ସେଠାକୁ ଯାଇନାହାନ୍ତି । ତେବେ ଆଉ ୧୦-୧୨ ବର୍ଷ ଭିତରେ ୨୦୩୦ ମସିହା ବେଳକୁ ସେହି ଗ୍ରହକୁ ମହାକାଶଚାରୀମାନେ ଯିବେ ବୋଲି ଶୁଣାଯାଉଛି । ମୁଁ ପଚାରିଲି, ଗୁରୁଜୀ, ମଙ୍ଗଳଗ୍ରହ ବିଷୟରେ ଜାଣିବାକୁ ମୋର ଇଚ୍ଛା ହେଉଛି । ମୁଁ କୋଉ ବହି ପଢ଼ିବି ? ଗୁରୁଜୀ କହିଲେ, ଆମ ଗ୍ରନ୍ଥାଗାରରେ ବିଶ୍ୱକୋଷ ଅଛି । ଏହାକୁ ଇଂଲିଶରେ କୁହାଯାଏ 'ଏନ୍‌ସାଇକ୍ଲୋପିଡିଆ' । ସେଇ ବହିରେ ମଙ୍ଗଳଗ୍ରହ ବିଷୟରେ ବହୁତ କଥା ଲେଖାଅଛି । ଖେଳଛୁଟି ହେଲେ ମୋ ସହିତ ଯିବ । ମୁଁ ତୁମକୁ ଗ୍ରନ୍ଥାଗାର (ଲାଇବ୍ରେରୀ)ରୁ ବିଶ୍ୱକୋଷ ଆଣିଦେବି ।

ଖେଳଛୁଟି ଘଣ୍ଟା ପଡ଼ିଲା । ମୁଁ ଗୁରୁଜୀଙ୍କ ପଛେ ପଛେ ଯାଇ ପାଠାଗାର ଭିତରେ ବସିଲି । ଗୁରୁଜୀ ଗ୍ରନ୍ଥାଗାର ଭିତରୁ ମୋଟା ବହିଟିଏ ଧରି ପାଠାଗାରକୁ ଆସିଲେ । ମୁଁ କହିଲି, ବାପ୍‌ରେ, ବିଶ୍ୱକୋଷ ଏତେ ମୋଟା । ଗୁରୁଜୀ ହସିଲେ । କହିଲେ, ଆରେ, ଏଇଟା ତୃତୀୟ ଖଣ୍ଡ । ଏମିତିକା ଆହୁରି ତିନିଟା ମୋଟା ମୋଟା ବହି ଅଛି । ସମୁଦାୟ ବିଶ୍ୱକୋଷକୁ ୪ଟି ମୋଟା ମୋଟା ବହିରେ ଲେଖାଯାଇଛି । ଦେଖ, ଏଥିରେ ଲେଖା ଅଛି 'ପ'-'ର' । ଏହାର ଅର୍ଥ 'ପ' ଅକ୍ଷରରୁ ଆରମ୍ଭ ହୋଇଥିବା ଶବ୍ଦଠାରୁ ନେଇ 'ର' ଅକ୍ଷରରୁ ଆରମ୍ଭ ହୋଇଥିବା ଶବ୍ଦଗୁଡ଼ିକ ବିଷୟରେ ପୂରା ବର୍ଣ୍ଣନା ଆମକୁ ଏଥିରେ ମିଳିବ । ତୁମେ ମଙ୍ଗଳଗ୍ରହ ବିଷୟରେ ଜାଣିବାକୁ ଇଚ୍ଛା କରୁଛ । ତେଣୁ ଏହି ଖଣ୍ଡରେ ସେଇ ଶବ୍ଦଟି ମିଳିବ । ଏହି ବିଶ୍ୱକୋଷ ବହିଟି ଓଡ଼ିଆ ଭାଷାରେ ଲେଖାଯାଇଛି । ଇଂଲିଶ ଓ ଆହୁରି ଅନେକ ଭାଷାରେ ବିଶ୍ୱକୋଷ ଲେଖାଯାଇଛି ।

ମୁଁ ପଚାରିଲି, ଓଡ଼ିଆ ଶବ୍ଦକୋଷରେ ମଙ୍ଗଳଗ୍ରହ ବିଷୟରେ ବର୍ଣ୍ଣନା ହୋଇଛି କି ନାହିଁ? ଗୁରୁଜୀ କହିଲେ, ଓହୋ, 'ଡିକ୍‌ସନାରୀ' କଥା ପଚାରୁଛ । ଶବ୍ଦକୋଷକୁ ଇଂଲିଶରେ 'ଡିକ୍‌ସନାରୀ' କୁହାଯାଏ । ସେଥିରେ 'ମଙ୍ଗଳ' ଶବ୍ଦଟି ମିଳିବ । କିନ୍ତୁ ଏହି ଶବ୍ଦର ଅର୍ଥ ଲେଖାଥିବ ଶୁଭ, ବାର ବିଶେଷ, ଗ୍ରହ ବିଶେଷ ଇତ୍ୟାଦି । ହେଲେ ମଙ୍ଗଳଗ୍ରହ ବିଷୟରେ ବର୍ଣ୍ଣନା କରାଯାଇ ନ ଥିବ । ଏବେ ବିଶ୍ୱକୋଷରେ ସେଇ ଶବ୍ଦକୁ ଦେଖ । ଏତିକି କହି ଗୁରୁଜୀ ପୃଷ୍ଠା ଓଲଟାଇ 'ମ' ବିଭାଗ ପାଖରେ ପହଞ୍ଚିଲେ । ସେଇ ବିଭାଗରେ ପୁଣି ଆଗକୁ ଆଗକୁ ଯାଇ 'ମଙ୍ଗଳଗ୍ରହ' ଶବ୍ଦ ପାଖରେ ପହଞ୍ଚିଲେ । ଦେଖିଲି, ସେହି ଶବ୍ଦ ତଳେ ମଙ୍ଗଳଗ୍ରହର ଚିତ୍ର ଅଛି ଏବଂ ମଙ୍ଗଳଗ୍ରହ ବିଷୟରେ ଦୁଇ ପୃଷ୍ଠା ଲେଖାଯାଇଛି । ମତେ ବହୁତ ଖୁସି ଲାଗିଲା । ଗୁରୁଜୀ ପଚାରିଲେ, ତୁମେ ଏବେ ଶବ୍ଦକୋଷ ଓ ବିଶ୍ୱକୋଷ ଭିତରେ କିଛି ତଫାତ୍ ଜାଣିପାରିଲ କି ନାହିଁ? ମୁଁ କହିଲି, ହଁ, ତଫାତ୍ ଅଛି । ଶବ୍ଦକୋଷରେ ଚିତ୍ର ନ ଥାଏ । କିନ୍ତୁ ବିଶ୍ୱକୋଷରେ ବହୁତ ଚିତ୍ର ଅଛି । ଗୁରୁଜୀ କହିଲେ, ଆରେ ନା, କେତେକ ଶବ୍ଦକୋଷରେ ମଝିରେ ମଝିରେ ଚିତ୍ର ମଧ୍ୟ ଥାଏ । କିନ୍ତୁ ବିଶ୍ୱକୋଷ ପ୍ରାୟ ସବୁ ବିଷୟକୁ ଚିତ୍ରସହ ବୁଝେଇଥାଏ ।

ମୁଁ କହିଲି, ସେଥିପାଇଁ ବୋଧହୁଏ ଶବ୍ଦକୋଷ ଏତେ ମୋଟା ନୁହେଁ । ଗୁରୁଜୀ ବୁଝେଇଦେଲେ, ଆରେ ନା ନା, ଅନେକ ମୋଟା ମୋଟା ଶବ୍ଦକୋଷ ବି ଅଛି । ମୂଳ କଥା ହେଉଛି, ଶବ୍ଦକୋଷରେ ଶବ୍ଦର ଅର୍ଥ ଲେଖାଥାଏ । ନୂଆ ଶବ୍ଦର ଅର୍ଥ ଜାଣିବା ପାଇଁ ଶବ୍ଦକୋଷ ଦରକାର ହୁଏ । ଶବ୍ଦକୋଷରେ ସବୁ ଶବ୍ଦର ସରଳ ଅର୍ଥ ଲେଖା ଯାଇଥାଏ । ପଢ଼ିବା ସମୟରେ କୌଣସି ଶବ୍ଦ କଷ୍ଟ ଲାଗିଲେ, ଆମେ ଶବ୍ଦକୋଷରୁ ତାହାର ଅର୍ଥ ବାହାରକରୁ । କିନ୍ତୁ ବିଶ୍ୱକୋଷରେ ଦୁନିଆର ସବୁ କଥା ଚିତ୍ର ସହିତ ବର୍ଣ୍ଣନା କରାଯାଇଥାଏ । ତେଣୁ କୌଣସି ବିଷୟରେ ସମ୍ପୂର୍ଣ୍ଣ ଜାଣିବା ପାଇଁ ବିଶ୍ୱକୋଷ ଦରକାର ହୁଏ । ମୁଁ ଯେଉଁ ବିଶ୍ୱକୋଷ ବହି ତୁମକୁ ଦେଲି, ସେଥିରେ ସବୁ ବିଷୟ ମିଶିକରି ଅଛି । ଏଥିରେ ଜୀବଜନ୍ତୁ, ଗଛଲତା, ଗ୍ରହନକ୍ଷତ୍ର, ଯନ୍ତ୍ରପାତି ଇତ୍ୟାଦି ସବୁ ବିଷୟରେ ଅଳ୍ପରେ ବର୍ଣ୍ଣନା ରହିଛି । କିନ୍ତୁ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ଉପରେ ମଧ୍ୟ ବିଶ୍ୱକୋଷ ଲେଖାଯାଇଛି । କେବଳ ଜୀବଜଗତକୁ ନେଇ, କିମ୍ୱା କେବଳ ଉଦ୍ଭିଦଜଗତକୁ ନେଇ ମଧ୍ୟ ବିଶ୍ୱକୋଷ ଅଛି । ଜୀବଜଗତ ବିଶ୍ୱକୋଷରେ କେବଳ ଜୀବଜନ୍ତୁଙ୍କ ବିଷୟରେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ରହିଛି । ସେହିପରି ଉଦ୍ଭିଦଜଗତ ବିଶ୍ୱକୋଷରେ କେବଳ ଗଛଲତା ବିଷୟରେ ତନ୍ନତନ୍ନ ବର୍ଣ୍ଣନା ରହିଛି । ଚିକିତ୍ସା, ଆଇନ, ବିଜ୍ଞାନ, ବାଣିଜ୍ୟବେପାର, ରୋଗ ଓ ଯନ୍ତ୍ରପାତି ଇତ୍ୟାଦି ନିର୍ଦ୍ଦିଷ୍ଟ ବିଷୟ ଉପରେ ମଧ୍ୟ ଅଲଗା ଅଲଗା ବିଶ୍ୱକୋଷ ଲେଖାଯାଇଛି ।


ମୁଁ ପଚାରିଲି, ଗୁରୁଜୀ, ଆଜିକାଲି ଇଣ୍ଟରନେଟ୍‌ରେ ସବୁ ମିଳିଯାଉଛି ବୋଲି ମୁଁ ଶୁଣିଛି । ଏକଥା କଅଣ ସତ ? ଗୁରୁଜୀ କହିଲେ, ଠିକ୍ କହିଲ । ଇଣ୍ଟରନେଟ୍‌ରେ ବହୁତ କିଛି ମିଳିଯାଉଛି । ବିଭିନ୍ନ ବିଷୟରେ ଭିଡିଓ ମଧ୍ୟ ଇଣ୍ଟରନେଟ୍‌ରେ ଆମେ ଦେଖିପାରିବା । କିନ୍ତୁ ଇଣ୍ଟରନେଟ୍‌ରେ ସବୁ ତଥ୍ୟ ଠିକ୍ ନ ଥାଏ । ସେସବୁ ବିଷୟକୁ ଆମେ ସମ୍ପୂର୍ଣ୍ଣ ସତ ବୋଲି ମାନିବା ଠିକ୍ ନୁହେଁ । ସେସବୁ କିଏ ଲେଖିଛନ୍ତି ଓ କେଉଁ ସଂସ୍ଥା ପ୍ରସ୍ତୁତ କରିଛି, ସେଥିପ୍ରତି ଆମେ ସଚେତନ ରହିବା । ସବୁବେଳେ ବିଶ୍ୱାସ ଯୋଗ୍ୟ ସଂସ୍ଥା ଛାପିଥିବା ବହି ପଢ଼ିବା । ମୁଁ ମୁଣ୍ଡ ହଲେଇ ସମ୍ମତି ଜଣେଇଲି । ଗୁରୁଜୀ କହିଲେ, ହଉ, ତୁମେ ଏବେ ବିଶ୍ୱକୋଷରୁ ମଙ୍ଗଳଗ୍ରହ ବିଷୟରେ ପଢ଼ । ନ ବୁଝି ପାରିଲେ ମୋ ସହିତ ଆଲୋଚନା କରିବ । ମୁଁ କହିଲି, ଧନ୍ୟବାଦ ଗୁରୁଜୀ । ମୁଁ ପଢୁଛି । ପଢ଼ି ସାରିଲେ ଆପଣଙ୍କୁ ପଚାରିବି । ଏତିକି କହି ମୁଁ ଶବ୍ଦକୋଷ ପଢ଼ିବା ଆରମ୍ଭ କଲି । ଗୁରୁଜୀ ମୋ ପିଠି ଥାପୁଡି ଦେଇ ବିଦାୟ ନେଲେ ।


-କମଳାକାନ୍ତ ଜେନା

-ଓଡ଼ିଶା ଶିକ୍ଷା ସେବା, ସହକାରୀ ପ୍ରଫେସର (ଫିଜିକ୍‌ସ),
ଭଦ୍ରକ ଅଟୋନମସ୍ କଲେଜ, ଭଦ୍ରକ
ମୋ:୯୪୩୯୫୦୧୬୫୧











Pictures of Earth from space help scientists understand Earth better.


ଶ୍ରୀରାମ ଜୟଜିତ୍ ମଲ୍ଲିକ୍
କ୍ଲାସ-୨, ସେଣ୍ଟମେରି ସ୍କୁଲ,
ଯାଜପୁର ରୋଡ,
ଯାଜପୁର
୧

୨
ଦେବଶ୍ରୀତା ସାମନ୍ତରାୟ
କ୍ଲାସ-୫,
କେନ୍ଦ୍ରୀୟ ବିଦ୍ୟାଳୟ-୧,
ୟୁନିଟ୍-୯, ଭୁବନେଶ୍ୱର



ରାଜଦୀପ୍ ଶତପଥୀ
କ୍ଲାସ-୧, ପଶ୍ଚିମନାନପୁର
ଉନ୍ନୀତ ମଧ୍ୟ ଇଂରାଜୀ
ବିଦ୍ୟାଳୟ, ନାନପୁର,
ବାଲିଚନ୍ଦ୍ରପୁର,
ଯାଜପୁର
୩

୪
ସରିତା ଜାଲ୍
କ୍ଲାସ-୮,
ପଞ୍ଚାୟତ ହାଇସ୍କୁଲ୍,
ଖୁଣ୍ଟପାଲ୍ଲୀ, ବଲାଙ୍ଗୀର



ସମ୍ପୂର୍ଣ୍ଣ ପଟ୍ଟନାୟକ
କ୍ଲାସ-୩,
ପ୍ରଭୁଜୀ ଇଂଲିଶ
ମିଡିୟମ୍ ସ୍କୁଲ,
ଭୁବନେଶ୍ୱର
୫

୬
ତ୍ରିଲୋଚନ ମୁଣ୍ଡା
କ୍ଲାସ-୮,
ମନୋଜ ମଞ୍ଜରୀ ଶିଶୁ
ଭବନ, କେନ୍ଦୁଝର




ପୂର୍ବି ପ୍ରିୟଦର୍ଶିନୀ
କ୍ଲାସ-ୟୁକେଜି, ସାଇ
ଜ୍ଞାନ ପ୍ଲେ ସ୍କୁଲ, ଜୟବଡ,
ଜଗତ୍‌ସିଂହପୁର
୭


୮
ମନସ୍ୱିନୀ ସାହୁ
କ୍ଲାସ-୮, କେନ୍ଦ୍ରୀୟ
ବିଦ୍ୟାଳୟ, ଭଦ୍ରକ




ସଂଶ୍ରିତା ପାତ୍ର
କ୍ଲାସ-୭, ପ୍ରଭୁଜୀ
ଇଂଲିଶ ମିଡିୟମ୍ ସ୍କୁଲ,
ଭୁବନେଶ୍ୱର
୯

୧୦
ଭବାନୀ ଶଙ୍କର ମହାନ୍ତି
କ୍ଲାସ-୪,
ମଡର୍ନ ପବ୍ଲିକ୍ ସ୍କୁଲ୍,
ବାଲେଶ୍ୱର



୧


୨


୩


୪




୫


୬


୮


୭


୯


୧୦

## କବିତା

### ହିମକାଳ

ଋତୁ ଚାଳନାରେ କୃଷି ଦିଏ ଖାଦ୍ୟ
ଜୀବର କଲ୍ୟାଣ ପାଇଁ,
ଧାନ ଉତୁପନ ରବି ବେଉଷଣ
ହିମକାଳ ଦେଇଥାଇ ।
ମୂଳା, କୋବି, ଶାଗ, ନାନାଦି ପରିବା
ଏ କାଳେ ପ୍ରଚୁର ଫଳେ,
ବାହା ପୁଆଣିର ଶୁଭ ଘଣ୍ଟି ବାଜେ
ଆଦ୍ୟ ମଗୁଶିର କୋଳେ ।
କାମ କରୁ କରୁ ବେଳ ସରିଯାଏ
ଖାଇ ଦେଲେ ଶୁଏ ଚାଷୀ,
ଗୁଲିଖଟି ଗପ ଆଉ ଚାଲେ ନାହିଁ
ପାରେ ନାହିଁ କାହିଁ ବସି ।
ଓଠ ପାଦ ଫାଟେ ଅଙ୍ଗଟି ପାଣ୍ଡୁରା
ଏ କାଳର ବଡ଼ ଦୁଃଖ,
ନୂଆ ବର୍ଷ ଭେଜି ମକର ଯାତରା
ଝଲକାଏ ଦିଏ ସୁଖ ।
କମଳ, ରେଜେଇ ଉଷ୍ମ ବସ୍ତ୍ର ଢାଙ୍କି
ମଣିଷ ସପନ ଦେଖେ,
ବିଳାସୀ ମଣିଷ ତୀର୍ଥଯାତ୍ରା କରି
ଭୌଗୋଳିକ ଜ୍ଞାନ ଶିଖେ ।
ହେଁସ ପଟିଆକୁ ଦାଣ୍ଡ ନିଆଁ ପୁଆଁ
କାଞ୍ଜି ତୋରାଣି ଗଲାଣି,
ବିଲ ଭାତ ଖିଆ ପାସୋର ହେଉଛି
ବିଜ୍ଞାନେ କାମ କଲେଣି ।

–କାମାକ୍ଷା ପ୍ରସାଦ ବେହେରା
ଇନ୍ଦିପୁର, ଢେଙ୍କାନାଳ
ମୋ: ୯୧୭୮୮୫୬୨୦୩



### ମାର୍ଗଶିର ମାସ

କାର୍ତ୍ତିକ ପୁଣ୍ୟ ମାସର ବଳେ
ମାର୍ଗଶିର ଆସେ ଫୁଲ ଫଳେ ।
ଘରେ ଘରେ ଲକ୍ଷ୍ମୀ ପୂଜା ପାଇ
ବୁଲିବେ ଗ୍ରାମ ନଗର ଯାଇ ।
ଦୀପ ଜାଳି ଦେବେ ହୁଳହୁଳି
ନାରୀ ଏ ସକଳେ ହୋଇ ମେଳି ।
ହୁଳହୁଳିରେ କମ୍ପି ଧରଣୀ
ସ୍ୱର୍ଗରୁ ଓହ୍ଲାଇ ଲକ୍ଷ୍ମୀରାଣୀ ।
ନାରୀର ନିଷ୍ଠା ଭକତି ଜାଣି
ପ୍ରସନ୍ନ ହୋଇବେ ଆସି ପୁଣି ।
ବିଲରୁ ଧାନ ଆସିବ ଖଳା
ନାଟ, କୀର୍ତ୍ତନ, ତ୍ରିନାଥ ମେଳା ।
ନାନା ପ୍ରକାରେ ପୀଠା ଓ ମଡା
ଘରର ସକଳେ ପିଲା ବୁଢ଼ା ।
ଗାଁ ଦାଣ୍ଡ ସବୁ ପଡ଼ି ଉଛୁଳି
ହରିବୋଲ ସଙ୍ଗେ ହୁଳହୁଳି ।
ଗୁରୁବାରେ କରିବେ ସେବନ
ଘରଟି ହେବ ସ୍ୱର୍ଗ ଭୁବନ ।

–ବୃନ୍ଦାବନ କୁମ୍ଭାର
ଚାଣ୍ଟିପଲା, ଟିଟିଲାଗଡ଼
ବଲାଙ୍ଗୀର, ମୋ: ୯୬୬୮୮୬୮୭୦୬

## କହିଲ ଦେଖି

୧) 

ପାଞ୍ଚଟି ଅକ୍ଷରେ ନାମମୋହର
ବାସ ମୋର ଅଟେ ଭାରିସୁନ୍ଦର ।
ପ୍ରଥମ ଦୁଇ ଅକ୍ଷରେ ସାଜେ ମୁଁ ପର୍ବ
ଓଡିଶା ପାଇଁ ସାଜେ ମୁଁ ଗର୍ବ ।
ପ୍ରଥମ ତିନି ଅକ୍ଷରେ ସାଜେ ମୁଁ ରାତି
ଶେଷ ଦୁଇରେ ଯେ ଖରାପ ଅତି ।
ପ୍ରଥମ ଓ ଶେଷ ଯଦି ମିଶିବ
ଖାଦ୍ୟ ପ୍ରସ୍ତୁତିକୁ ବୁଝାଉଥିବ ।
ଉତ୍ତର: **ରଜନୀଗନ୍ଧା**

୨) 

ବରଷା ଦିନରେ ପସରାମେଲେ
ସାପ ପରି ସିଏ ମଞ୍ଚାରେ ଝୁଲେ
ସୁଆଦିଆ ଏକ ପରିବା ସିଏ
ନାମଟି ତାହାର କହିବ କିଏ
ଉତ୍ତର: **ଛଚିନ୍ଦ୍ରା**

୩) 

ମାଟିରୁ ଅଟଇ ଜନ୍ମ ତାହାର
କେତେ ଯତନରେ ଗଢେ କୁମ୍ଭାର
ରାନ୍ଧିଲେ ସେଥିରେ, ସ୍ୱାଦ ଆହାର
ପଡିଗଲେ ହୁଏ ଛିନ୍ଛତର ।
ଉତ୍ତର: **ମାଟିହାଣ୍ଡି**

୪) 

ଚାରୋଟି ଅକ୍ଷରେ ଅଟେ
ନାମ ମୋହର
ପ୍ରଥମ ଦୁଇଟିସାଜେ
ମୋର ଆହାର
ଦ୍ୱିତୀୟ ଚତୁର୍ଥ ଯଦି
ଯୋଗ ହୋଇବ
ମୋ ଦ୍ୱାରା ପଦାର୍ଥ
ଶୁଦ୍ଧ ସାଜିବ ।
ଉତ୍ତର: **ମାଛରଙ୍କା**

–ପ୍ରଶାନ୍ତ କୁମାର ନାଥ
*ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର, ଯାଜପୁର*
*ମୋ: ୮୮୯୨୩୦୧୧୪୩*

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ବୃହତ୍ତମ ସ୍କେଟ୍‌ବୋର୍ଡ



ଅନେକ ଦୁଃସାହସିକ ଖେଳ ମଧ୍ୟରୁ ଅନ୍ୟତମ ସ୍କେଟିଙ୍ଗ୍ । ଏହି ଖେଳ ଯେତିକି ମଜାଦାର ସେତିକି ବିପଦପୂର୍ଣ୍ଣ ମଧ୍ୟ । ତେବେ ସାଧାରଣ ସ୍କେଟ୍‌ବୋର୍ଡଠାରୁ ଅନେକ ଗୁଣରେ ବଡ ଏକ ସ୍କେଟ୍‌ବୋର୍ଡ ପ୍ରସ୍ତୁତ କରି କାଲିଫର୍ନିଆର ଜୋଏ ସିଆଗ୍ଲିଆ ଏବଂ ରୋବ୍ ଡାଏରଡେକ୍ ସୃଷ୍ଟି କରିଛନ୍ତି ଏକ ବିରଳ ରେକର୍ଡ । ଜୋ ଏବଂ ରୋବ୍ ମିଳିତ ଭାବେ କିଛି ନୂଆ କରିବା ଲକ୍ଷ୍ୟ ନେଇ ୧୧.୧୪ ମିଟର ଲମ୍ବ, ୨.୬୩ ମିଟର ଓସାର ଏବଂ ୧.୧୦ ମିଟର ଉଚ୍ଚତା ବିଶିଷ୍ଟ ଏହି ବିଶାଳ ସ୍କେଟ୍‌ବୋର୍ଡ ପ୍ରସ୍ତୁତ କରି ସ୍ଥାନ ପାଇଛନ୍ତି ଗିନିଜ୍ ୱାର୍ଲ୍ଡ ରେକର୍ଡରେ । ଷ୍ଟିଲ୍‌ର ଫ୍ରେମ୍ ଉପରେ ମୋଟା କାଠ ଏବଂ ୪ଟି ଚକକୁ ଖଞ୍ଜାଯାଇ ପ୍ରସ୍ତୁତ କରାଯାଇଥିବା ଏହି ସ୍କେଟ୍‌ବୋର୍ଡ ଉପରେ ଏକାସଙ୍ଗେ ୧୦ ରୁ ୧୨ ଜଣ ସ୍କେଟ୍ କରିବାର କ୍ଷମତା ରହିଛି । ତେବେ ଜୋଏ ଏବଂ ରୋବ୍‌ଙ୍କ ଏହି ବିରଳ ପ୍ରତିକୃତି ଦେଖିବା ଲାଗି ଦୂରଦୂରାନ୍ତରୁ ଅନେକ ପର୍ଯ୍ୟଟକ କାଲିଫର୍ନିଆକୁ ଆସିଥାନ୍ତି ।

### ରଙ୍ଗ ଦିଅ



## ଏଥରର ପ୍ରଶ୍ନ ?

- ✲ ଓଡ଼ିଶାର ଗହୀରମଥା କ'ଣ ପାଇଁ ପ୍ରସିଦ୍ଧ ?
- ✲ ଭିତରକନିକାରେ କେଉଁ ବନ୍ୟପ୍ରାଣୀ ଅଭୟାରଣ୍ୟ ରହିଛି ?
- ✲ ଓଡ଼ିଶାର ଶିମିଳିପାଳ କ'ଣ ପାଇଁ ପ୍ରସିଦ୍ଧ ?
- ✲ ଓଡ଼ିଶାର କେଉଁ ହ୍ରଦରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହୁଏ ?
- ✲ ଚନ୍ଦକାରେ କେଉଁ ବନ୍ୟଜନ୍ତୁ ଅଭୟାରଣ୍ୟ ରହିଛି ?

## ଆରଥରର ଉତ୍ତର


- ✲ଓଲି
- ✲ ଭୁବନେଶ୍ୱର
- ✲ ୧୯୭୫
- ✲ ମନପ୍ରୀତ୍ ସିଂ
- ✲୧୬

# ଜଣା ଅଜଣା



















୧ ଲାଲ୍ କାଳିରେ ଲେଖିବାକୁ ପର୍ତ୍ତୁଗାଲ୍ ଲୋକମାନେ ସହଜରେ ଗ୍ରହଣ କରି ନ ଥାନ୍ତି।

୨ ଉତ୍ତର ଆମେରିକାରେ ବବ୍‌କ୍ୟାଟଙ୍କ ସଂଖ୍ୟା ବିରଳ ହୋଇଥିବା ବେଳେ ସେଠାରେ ୱାଇଲ୍ଡ କ୍ୟାଟ୍ ଅଧିକ ସଂଖ୍ୟାରେ ଦେଖାଯାଇଥାଆନ୍ତି।

୩ ବିରାଡି ଶରୀରର ସମୁଦାୟ ହାଡ ମଧ୍ୟରୁ ୧୦ ପ୍ରତିଶତ କେବଳ ଲାଞ୍ଜରେ ହିଁ ଥାଏ।

୪ ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳର ଝିଟିପିଟିର ପାଦରେ ପ୍ରାୟ ଦଶଲକ୍ଷ ଛୋଟ ଛୋଟ କେଶ ରହିଛି। ସେଥିରେ ଏଭଳି ଏକ ରାସାୟନିକ ଅଠା ରହିଛି, ଯାହା ସହାୟତାରେ ଏହି ଝିଟିପିଟି ସହଜରେ କାନ୍ଥରେ ଚଢ଼ିପାରେ।

୫ ନୀଳ ନଦୀ କୁମ୍ଭୀର ପାଣି ଭିତରେ ଶିକାର ଖୋଜିବା ବେଳେ ପ୍ରାୟ ଦୁଇ ଘଣ୍ଟା ଅକ୍ଲେଶରେ ଶ୍ୱାସକ୍ରିୟା ବନ୍ଦ କରି ରହିପାରେ।

୬ ଉତ୍ତର ଆମେରିକାରେ ୧୨୦୦ରୁ ଅଧିକ ୱାଟର ପାର୍କ ରହିଛି।


୭ ଆଣ୍ଟାର୍କଟିକାରେ ଥିବା ସ୍ଥଳଭାଗର ମାତ୍ର ଏକ ପ୍ରତିଶତ ବରଫ ଦ୍ୱାରା ଆଚ୍ଛାଦିତ ହୋଇ ନ ଥାଏ।

୮ ଆଣ୍ଟାର୍କଟିକା ବ୍ୟତୀତ ପ୍ରତ୍ୟେକ ମହାଦେଶରେ ମକା ଚାଷ କରାଯାଇଥାଏ।

୯ ପୃଥିବୀର ସବୁଠାରୁ ଛୋଟ ଫଳ ହେଉଛି ଅଟ୍ରିକ୍ଲେ, ଯାହାର ଆକାର ଏକ ଛୋଟ ପିମ୍ପୁଡିର ଆକାର ସହ ସମାନ।

୧୦ ହେଟାବାଘ ଚମଡ଼ା ଏବଂ ହାଡ଼କୁ ସହଜରେ ହଜମ କରିପାରେ।

୧୧ ପବନର ବେଗ ସହ ତାଳଦେଇ କେତେକ ବାଦଲ ଘଣ୍ଟାକୁ ୧୦୦ ମାଇଲ୍  ବେଗରେ ଗତି କରିପାରେ।

















# ଆଇନା



ହିମାଂଶୁ
୭ ବର୍ଷ

ଅସୀମା
୫ ବର୍ଷ





ବଂଶିକା
୫ ବର୍ଷ